# ଶାସ୍ତ୍ରୀୟ ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ରକୁ ସ୍ୱୟଂଶାସିତ ଅନୁଷ୍ଠାନ କରାଯାଉ

**ଭୁବନେଶ୍ୱର,୨୯/୬/ଏନ୍‌ଏନ୍‌ଏସ୍:** ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ପ୍ରଥମ ନିର୍ଦ୍ଦେଶକଭାବେ ଯୋଗ ଦେଇଥିବା ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କୁ ଅଗ୍ରଣୀ ଭାଷା ଗବେଷଣା ଅନୁଷ୍ଠାନ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହାସହିତ ସଂସ୍ଥା ପକ୍ଷରୁ କରିବାକୁ ଏବେଠାରୁ ଆବଶ୍ୟକୀୟ ପଦକ୍ଷେପ ନେବା ଜରୁରୀ ବୋଲି ମତବ୍ୟକ୍ତ ହୋଇଥିଲା। ତାମିଲନାଡୁ ସରକାରଙ୍କ ପ୍ରଦତ୍ତ ୧୭ଏକର ଭୂମି ଉପରେ କେନ୍ଦ୍ରୀୟ କ୍ଲାସିକାଲ ତାମିଲ୍ ସଂସ୍ଥା ପ୍ରତିଷ୍ଠା ହୋଇଛି। ମାତ୍ର ଦୀର୍ଘଦିନ ଧରି ଅବହେଳିତ ହୋଇପଡ଼ିଥିବା ତଥା ଓଡ଼ିଆ ଭାଷା ଉପରେ କୌଣସି ଗବେଷଣା କାର୍ଯ୍ୟ ହୋଇ

## ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକଙ୍କୁ ଭେଟିଲେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପ୍ରତିନିଧି

ଉପାଧ୍ୟକ୍ଷ ଡ. ସିପ୍ରା ମଲ୍ଲିକ ଓ ସଦସ୍ୟ ସଚିବ ଡ. ସୁବ୍ରତ ପୃଷ୍ଟି ସୌଜନ୍ୟମୂଳକଭାବେ ସାକ୍ଷାତ କରିଛନ୍ତି। ରାଜ୍ୟ ସରକାର ଅସ୍ଥାୟୀଭାବେ ପୁରୁଣା ବିଧାନସଭାର ଏକ ଅଂଶକୁ ଏହି ସଂସ୍ଥାର କାର୍ଯ୍ୟାଳୟ ପାଇଁ ଯୋଗାଇ ଦେଇଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଆ ଭାଷାର ଶାସ୍ତ୍ରୀୟତା ପାଇଁ ଦୀର୍ଘ ୧୦ବର୍ଷ ସଂଘର୍ଷର ଫଳଶ୍ରୁତିଭାବରେ ପ୍ରତିଷ୍ଠା ଲାଭ କରିଥିବା ଏହି ଭାଷା ଉତ୍କର୍ଷ କେନ୍ଦ୍ରକୁ ସଂସ୍କୃତ ଓ ତାମିଲ୍ ଶାସ୍ତ୍ରୀୟ ଭାଷା ଭଳି ସ୍ୱୟଂକ୍ରିୟ ଅନୁଷ୍ଠାନ ଭାବରେ ଗଢ଼ିବା ପାଇଁ ବିଭିନ୍ନ ଦିଗରୁ ଆଲୋଚନା ହୋଇଥିଲା।

କେନ୍ଦ୍ରୀୟ କ୍ଲାସିକାଲ ତାମିଲ୍ ସଂସ୍ଥା ମାତ୍ର ୨ବର୍ଷ ଭିତରେ ମହିଶୂରସ୍ଥିତ କେନ୍ଦ୍ରୀୟ ଭାରତୀୟ ଭାଷା ସଂସ୍ଥାନ ଅଧିନରୁ ନିଜକୁ ଅଲଗା କରି ୨୦୦୯ ମସିହାରେ କେନ୍ଦ୍ରୀୟ ସଂସ୍ଥାଭାବରେ ପ୍ରତିଷ୍ଠାଲାଭ କରିପାରି ଥିବାରୁ ଏହାକୁ ଭିତ୍ତିକରି ଶାସ୍ତ୍ରୀୟ ଓଡ଼ିଆ ଭାଷା ଉତ୍କର୍ଷକେନ୍ଦ୍ରକୁ କେନ୍ଦ୍ରୀୟ ସଂସ୍ଥାଭାବରେ ପ୍ରତିଷ୍ଠା ନଥିବାରୁ ଏହାର ବ୍ୟାପକ ଗବେଷଣା ନିମନ୍ତେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଉତ୍କର୍ଷ କେନ୍ଦ୍ରର ସ୍ଥାୟୀ ପରିସର ପାଇଁ ଅତିକମ୍‌ରେ ୨୦ଏକର ଜମି କୌଣସି ଐତିହ୍ୟସ୍ଥଳରେ ଓଡ଼ିଶା ସରକାର ପ୍ରଦାନ କରିବା ପରେ ଏହାର ଆନୁସଙ୍ଗିକ ନିର୍ମାଣ କାର୍ଯ୍ୟ ପାଇଁ କେନ୍ଦ୍ର ସରକାର ଆବଶ୍ୟକୀୟ ଅର୍ଥ ଯୋଗାଇଦେବେ। ଅସ୍ଥାୟୀ ଭାଷା ଉତ୍କର୍ଷକେନ୍ଦ୍ରକୁ ଏକ ସ୍ଥାୟୀ କେନ୍ଦ୍ରୀୟ ଅନୁଷ୍ଠାନ ଭାବରେ ଗଢ଼ିବା ପାଇଁ ଉଭୟ ସଂସ୍ଥା ମିଳିମିଶି କାର୍ଯ୍ୟ କରିବାକୁ ସମ୍ମତି ପ୍ରକାଶ କରିଥିଲେ। ଏଥିସହିତ ଶାସ୍ତ୍ରୀୟ ଓଡ଼ିଆ ଭାଷା ପାଇଁ ପ୍ରଦତ୍ତ ଭିତ୍ତିପତ୍ର ଆଧାରରେ ବିଭିନ୍ନ ଶିଳାଲେଖ, ପ୍ରାଚୀନପୋଥି ଆଦିର ତାଲିକା କରି ଏହା ମାଧ୍ୟମରେ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରାଚୀନତାକୁ ପ୍ରମାଣିତ ଢଙ୍ଗରେ ନୂତନ ଇତିହାସ ପୁସ୍ତକ ପ୍ରସ୍ତୁତ କରି ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଥିବା ବହୁ ଭୁଲ୍ ଧାରଣାକୁ ଦୂର କରିବା ପାଇଁ ଉଭୟ ସଂସ୍ଥା ମିଳିତଭାବରେ କାର୍ଯ୍ୟ କରିବେ ବୋଲି ଏହି ଆଲୋଚନାରେ ମତବ୍ୟକ୍ତ ହୋଇଥିଲା।